ମଣିପୁର ରାଜ୍ୟ ଏବଂ ଅନ୍ୟମାନେ

ବନାମ

ଶ୍ରୀମତୀ ଏ. ଓଙ୍ଗବି ମେମଚା ଦେବୀ ଏବଂ ଅନ୍ୟଜଣେ

ଏପ୍ରିଲ 17,1995

[କେ. ରାମସ୍ୱାମୀ ଏବଂ ବି.ଏଲ. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ]

ସେବା ଆଇନ:

*ଅନୁକମ୍ପା ଭିତ୍ତିରେ ନିଯୁକ୍ତି - ଚାକିରିରେ ଥିବା ସମୟରେ କର୍ମଚାରୀଙ୍କ ମୃତ୍ୟୁ - ତାଙ୍କ ବିଧବାଙ୍କୁ ଅନୁକମ୍ପା ଭିତ୍ତିରେ ନିଯୁକ୍ତ କରାଯାଇଥିଲା -କିଛି ବର୍ଷ ପରେ, ସେ (ମୃତ୍ୟୁବରଣ କରିଥିବାଙ୍କର ଭାଇ) ତାଙ୍କ ଦିଅରଙ୍କୁ ନିଯୁକ୍ତି ଦେବା ପାଇଁ ନିର୍ଦ୍ଦେଶ ଦାବି କରି ରିଟ୍ ଆବେଦନ ଦାଖଲ କଲେ – ଉଚ୍ଚ ନ୍ୟାୟାଳୟ ସେହି ରିଟ୍ ଆବେଦନକୁ ଅନୁମୋଦନ କଲେ – ବୈଧତା - ନିର୍ଣ୍ଣିତ - ବିଧବା ପୂର୍ବରୁ ନିଯୁକ୍ତ ହୋଇଛନ୍ତି ଏବଂ ଚାକିରି ଜାରି ରଖିଛନ୍ତି - ଭାଇ ନିର୍ଭରଶୀଳ ନୁହଁନ୍ତି - ଅନୁକମ୍ପା ଭିତ୍ତିରେ ପୁନର୍ବାର ଚାକିରି ପାଇବାକୁ ଅଧିକାରୀ ନୁହେଁ ।*

**ପ୍ରଥମ ଉତ୍ତରଦାତାଙ୍କୁ 1.1.1974 ରେ ଆବେଦନକାରୀ ରାଜ୍ୟର ସେବାରେ ଅନୁକମ୍ପା ଭିତ୍ତିରେ ନିଯୁକ୍ତ କରାଯାଇଥିଲା କାରଣ ତାଙ୍କ ସ୍ୱାମୀଙ୍କର ମୃତ୍ୟୁ ଚାକିରିରେ ଥିବା ସମୟରେ ହୋଇଥିଲା । ସେ ଚାକିରି ଜାରି ରଖିଛନ୍ତି ଏବଂ ପରବର୍ତ୍ତୀ ଉଚ୍ଚ ପଦବୀକୁ ମଧ୍ୟ ପଦୋନ୍ନତି ପାଇଛନ୍ତି । 1991 ରେ, ସେ ଅନୁକମ୍ପା ଆଧାରରେ ତାଙ୍କ ଦିଅର (ମୃତ ବ୍ୟକ୍ତିଙ୍କ ଭାଇ) ଙ୍କୁ ନିଯୁକ୍ତ କରିବାକୁ ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ଆବେଦନ ଦାଖଲ କରିଥିଲେ । ରିଟ୍ ଆବେଦନକୁ ଅନୁମତି ଦିଆଯାଇଥିଲା । ଏହି ଆଦେଶ ବିରୁଦ୍ଧରେ ରାଜ୍ୟ ଦ୍ୱାରା ଦାଖଲ ହୋଇଥିବା ସମୀକ୍ଷା ଆବେଦନକୁ ଖାରଜ କରାଯାଇଥିଲା । ତେଣୁ ଏହି ଆବେଦନଗୁଡ଼ିକ ।**

**ଆବେଦନକୁ ଅନୁମତି ଦେଇ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଖାରଜ କରି, ଏହି ନ୍ୟାୟାଳୟ**

**ରାୟ ଦେଲେ : ଭାଇ ଚାକିରିରେ ମୃତ୍ୟୁବରଣ କରିଥିବା ମୃତ କର୍ମଚାରୀଙ୍କ ଉପରେ ନିର୍ଭରଶୀଳ ନୁହଁନ୍ତି । ଯେହେତୁ ଅନୁକମ୍ପା ଭିତ୍ତିରେ, ବିଧବା ପୂର୍ବରୁ ନିଯୁକ୍ତ ହୋଇସାରିଛନ୍ତି ଏବଂ ସେ**

**ଚାକିରି ଜାରି ରଖିଛନ୍ତି, ସେମାନେ ଚାକିରିରେ ଥିବା କର୍ମଚାରୀଙ୍କ ମୃତ୍ୟୁ ଆଧାରରେ ପୁନର୍ବାର ନିଯୁକ୍ତି ଦାବି କରିବା କରିପାରିବେ ନାହିଁ ।**

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 5710/1995 ଇତ୍ୟାଦି ।

C.R. No 97/1991ରେ ଗୌହାଟୀ ଉଚ୍ଚ ନ୍ୟାୟଳୟଙ୍କର 22.2.94 ତାରିଖର ରାୟ ଏବଂ ଆଦେଶରୁ ।

ଭି. ସି. ମହାଜନ ଏବଂ ଏସ୍. ଜନାନୀ ଆବେଦନକାରୀଙ୍କ ପାଇଁ

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନଗୁଡ଼ିକ 22.2.1994 ତାରିଖରେ ଗୌହାଟି ଉଚ୍ଚ ନ୍ୟାୟାଳୟଙ୍କର ଇମ୍ଫାଲସ୍ଥିତ ଖଣ୍ଡପୀଠରେ ଦେୱାନୀ ସମୀକ୍ଷା ଆବେଦନ ସଂଖ୍ୟା 17/1993 ର C.R. No. 97/1991 ଏବଂ CR 97/91 ରେ ଗୃହୀତ ରାୟ ଏବଂ ଆଦେଶରୁ ଉତ୍ପନ୍ନ ହୋଇଛି । ଜଣେ, ଏ. ରଘୁମଣି ସିଂ, ମଣିପୁର ରାଜ୍ୟର ସେବାରେ ନିଯୁକ୍ତ ହୋଇଥିଲେ ଏବଂ ସେ ଚାକିରିରେ ମୃତ୍ୟୁବରଣ କରିଥିଲେ । ତେଣୁ, ତାଙ୍କ ବିଧବା ପତ୍ନୀ ଶ୍ରୀମତୀ ଆରାମ୍ବମ ଓଙ୍ଗବି ମେମଚା ଦେବୀଙ୍କୁ ଅନୁକମ୍ପା ଆଧାରରେ ଏଲ୍.ଡି.ସି. ଭାବେ ନିଯୁକ୍ତି ଦିଆଯାଇଥିଲା ଏବଂ 1981 ମସିହା ଅକ୍ଟୋବର 13 ତାରିଖରେ ତାଙ୍କୁ ୟୁ.ଡି.ସି. ଭାବେ ପଦୋନ୍ନତି ଦିଆଯାଇଥିଲା । 1991 ରେ, ସେ ଅନୁକମ୍ପା ଆଧାରରେ ତାଙ୍କ ଦିଅରଙ୍କୁ ନିଯୁକ୍ତ କରିବାକୁ ନିର୍ଦ୍ଦେଶ ଦେବା ପାଇଁ ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ଆବେଦନ ଦାଖଲ କରିଥିଲେ । ଦେୱାନୀ ନିୟମ ସଂଖ୍ୟା 97/1991 ରେ ଉଚ୍ଚ ନ୍ୟାୟାଳୟ ଏହି ରିଟ୍ ଆବେଦନକୁ ଅନୁମତି ଦେଇଥିଲେ, ଯାହା ବିରୁଦ୍ଧରେ ଏକ ସମୀକ୍ଷା ଆବେଦନ ଦାଖଲ କରାଯାଇଥିଲା । ଯେପରି ପୂର୍ବରୁ କୁହାଯାଇଛି, ସମୀକ୍ଷା ଆବେଦନ ମଧ୍ୟ ଖାରଜ କରିଦିଆଯାଇଥିଲା । ତେଣୁ, ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଦୁଇଟି ଆବେଦନ । ଯଦିଓ ଉତ୍ତରଦାତାଙ୍କ ଦ୍ୱାରା ବିରଧୋକ୍ତି ଦାଖଲ ପାଇଁ ସମୟ ନିଆଯାଇଥିଲା, ତଥାପି କୌଣସି ବିରଧୋକ୍ତି ଦାଖଲ କରାଯାଇ ନାହିଁ ।

ଭାଇ ଚାକିରିରେ ମୃତ୍ୟୁବରଣ କରିଥିବା ମୃତ କର୍ମଚାରୀଙ୍କ ଉପରେ ନିର୍ଭରଶୀଳ ନୁହଁନ୍ତି । ଯେହେତୁ ଅନୁକମ୍ପା ଭିତ୍ତିରେ, ବିଧବା ପୂର୍ବରୁ ନିଯୁକ୍ତ ହୋଇସାରିଛନ୍ତି ଏବଂ ସେ ଚାକିରି ଜାରି ରଖିଛନ୍ତି,

ସେମାନେ ଚାକିରିରେ ଥିବା କର୍ମଚାରୀଙ୍କ ମୃତ୍ୟୁ ଆଧାରରେ ପୁନର୍ବାର ନିଯୁକ୍ତି ଦାବି କରିପାରିବେ ନାହିଁ । ତେଣୁ, ଉଚ୍ଚ ନ୍ୟାୟାଳୟ ଉଚିତ୍ ନଥିଲେ ।

ତଦନୁସାରେ ଆବେଦନକୁ ଅନୁମତି ଦିଆଗଲା । ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବାତିଲ କରିଦିଆଯାଇଛି । ତଥ୍ୟ ଏବଂ ପରିସ୍ଥିତିରେ କୌଣସି ଖର୍ଚ୍ଚ ନାହିଁ ।

ଜି.ଏନ୍. ଆବେଦନକୁ ଅନୁମତି ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର:
ଅନୁବାଦିକା:
ତପସ୍ୱିନୀ ବିଶ୍ୱାଳ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ,
କଟକ ।